ଚିନ୍ନାପୋନ୍ନୁ

ବନାମ

ତାମିଲ୍ ନାଡୁ ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 271/2009)

11 ଫେବୃଆରୀ, 2009

[ଅରିଜିତ୍ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]

ଦଣ୍ଡ ସଂହିତା, 1860 - ଧାରା 304 (ଦ୍ୱିତୀୟ ଭାଗ) - ପକ୍ଷମାନଙ୍କ ମଧ୍ୟରେ ହଠାତ୍ ଝଗଡ଼ା - ଅଭିଯୁକ୍ତ ମୃତ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲା ଯାହାର ଫଳସ୍ୱରୂପ ତାଙ୍କର ମୃତ୍ୟୁ ହୋଇଥିଲା - ଧାରା 304 (ଭାଗ-II) ଅନୁଯାୟୀ ଦୋଷୀ ସାବ୍ୟସ୍ତ - ଦଣ୍ଡାଦେଶ ବିରୁଦ୍ଧରେ ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଇଥିଲା - ତେବେ, ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ସମ୍ମୁଖରେ ମାମଲା ବିଚାରକୁ ନିଆଯିବା ସମୟରେ ଅଭିଯୁକ୍ତଙ୍କ ଓକିଲ ହାଜର ନହୋଇଥିବାରୁ ଆବେଦନର ଫଇସଲା - ଆବେଦନରେ ନିର୍ଣ୍ଣୟ ହୋଇଥିଲା: ଅଭିଯୁକ୍ତଙ୍କ ଓକିଲ ବିଭିନ୍ନ ଅସୁବିଧା କାରଣରୁ ହାଜର ହୋଇପାରିନଥିଲେ - ତେଣୁ, ମାମଲାର ନୂତନ ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟକୁ ପ୍ରେରଣ କରାଯାଇଥିଲା ।

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 271/2009 ।

ଫୌଜଦାରୀ ଆବେଦନ ସଂଖ୍ୟା 856/1997 ରେ ମଦୁରାଇସ୍ଥିତ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ମଦୁରାଇ ବିଚାରପୀଠଙ୍କ 16.10.2006 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜି. ଶିବବାଲାମୁରଗନ, ୱାଇ. ଅରୁଣାଇଗିରି ଏବଂ ଏଲ. କେ. ପାଣ୍ଡେ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡ. ଅରିଜିତ୍ ପଶାୟତ**ଙ୍କ ଦ୍ୱାରା । 1.ଅନୁମତି ପ୍ରଦାନ କରାଗଲା ।

2. ଏହି ଆବେଦନରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ମଦୁରାଇ ଖଣ୍ଡପୀଠଙ୍କ ଜଣେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ରାୟକୁ ଆପତ୍ତି କରାଯାଇଛି, ଯିଏ ଆବେଦନକାରୀଙ୍କ ଦ୍ୱାରା ଦାଖଲ

କରାଯାଇଥିବା ଆବେଦନକୁ ଖାରଜ କରିଛନ୍ତି । ଆବେଦନକାରୀଙ୍କୁ ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି') ର ଧାରା 304 ଭାଗ II ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ବିଦ୍ୱାନ ପ୍ରଧାନ ବିଚାରପତି, ଡିଣ୍ଡିଗୁଲଙ୍କ ଦ୍ୱାରା ସାତ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା ।

3. ପାରିତ ହେବାକୁ ଥିବା ପ୍ରସ୍ତାବିତ ଆଦେଶକୁ ଦୃଷ୍ଟିରେ ରଖି ବାସ୍ତବ ସ୍ଥିତି ବିସ୍ତୃତ ଭାବରେ ଯିବାର ଆବଶ୍ୟକତା ନାହିଁ ।

4. ଅଭିଯୁକ୍ତ ଆଇପିସି ର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ଘଟାଇଥିବା ଅଭିଯୋଗରେ ବିଚାରର ସମ୍ମୁଖୀନ ହୋଇଥିଲେ । ଏହା ଅଭିଯୋଗ ପକ୍ଷର କଥନ ଥିଲା ଯେ ହଠାତ୍ ଝଗଡ଼ା ସମୟରେ ଅଭିଯୁକ୍ତ, ଲକ୍ଷ୍ମୀଙ୍କୁ (ଏହା ପରେ 'ମୃତ' ଭାବରେ ସୂଚିତ) ଆକ୍ରମଣ କରିଥିଲା, ଯିଏକି ସାମୁଭେଲଙ୍କ ଦ୍ୱିତୀୟ ପତ୍ନୀ ବୋଲି କୁହାଯାଇଥିଲା । 10.12.1994 ରେ ଏହି ଘଟଣା ଘଟିଥିଲା । ଅଭିଯୁକ୍ତ ବିଚାରର ସମ୍ମୁଖୀନ ହୋଇଥିଲେ ଏବଂ ଉପରେ ଉଲ୍ଲେଖ କରାଯାଇଥିବା ପରି ବିଚାରଣ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ । ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତିର ବିଭିନ୍ନ ଆଧାରକୁ ବିଚାର କରି ଉଚ୍ଚ ନ୍ୟାୟାଳୟରେ ଆବେଦନକୁ ଗ୍ରହଣ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶରୁ ଏହା ଜଣାପଡ଼େ ଯେ ଆବେଦନକାରୀଙ୍କ ଓକିଲ ଏହି ମାମଲାର ବିଚାର ସମୟରେ ହାଜର ହୋଇନଥିଲେ ଏବଂ ବିଦ୍ୱାନ ଅତିରିକ୍ତ ଓକିଲଙ୍କୁ ଶୁଣିବା ପରେ ଆବେଦନଟିର ଫଇସଲା କରାଯାଇଥିଲା ।

5. ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଦର୍ଶାଇଥିଲେ ଯେ ବିଭିନ୍ନ ଅସୁବିଧା ହେତୁ ଆବେଦନକାରୀଙ୍କ ଓକିଲ ହାଜର ହୋଇପାରିନଥିଲେ ଏବଂ ବିଶେଷ କରି ଆବେଦନକାରୀ କିମ୍ବା ତାଙ୍କ ଓକିଲଙ୍କର କୌଣସି ଜ୍ଞାନ ନଥିଲା ଯେ ଏହି ମାମଲା ଉଚ୍ଚ ନ୍ୟାୟାଳୟର ମଦୁରାଇ ବିଚାରପୀଠ ସମ୍ମୁଖରେ ବିଚାର ହେବ ।

6. ଅନ୍ୟପକ୍ଷରେ ଉତ୍ତରଦାତା-ରାଜ୍ୟ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଆବେଦନକାରୀ ଏବଂ ତାଙ୍କ ଓକିଲ ଅଧିକ ସତର୍କ ରହିବା ଉଚିତ୍ ଥିଲା ।

7. 23.7.2007 ରେ ନୋଟିସ୍ ଜାରି କରିବା ସମୟରେ ଏହା ସୂଚିତ କରାଯାଇଥିଲା ଯେ ଏହି ମାମଲାକୁ ନୂତନ ଶୁଣାଣି ପାଇଁ ପଠାଯାଇପାରେ କାରଣ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ମଦୁରାଇ ବିଚାରପୀଠ ଦ୍ୱାରା ଏହି ମାମଲା ଗ୍ରହଣ କରାଯିବା ସମୟରେ ଆବେଦନକାରୀ ପ୍ରତିନିଧିତ୍ୱ ହୋଇନଥିଲେ ।

8. ଓକିଲଙ୍କ ଅନୁପସ୍ଥିତିକୁ ବ୍ୟାଖ୍ୟା କରିବା ପାଇଁ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଅସୁବିଧାକୁ ବିଚାରକୁ ନେଇ ଆମେ ସନ୍ତୁଷ୍ଟ ଯେ ଏହା ଏକ ଉପଯୁକ୍ତ ମାମଲା ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ଏହି ମାମଲାର ପୁନର୍ବାର ଶୁଣାଣି କରିବା ଉଚିତ୍ ।

9. ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ । ଆମେ ଏହି ଆକ୍ଷେପିତ ରାୟକୁ ବାତିଲ କରିଛୁ ଏବଂ ନୂତନ ଶୁଣାଣି ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଇଛୁ ।

10. ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

ଏନ.ଜେ. ଆବେଦନକୁ ଆଂଶିକ ଭାବେ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।